To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ସ୍ୱଚ୍ଛତା ମୋ ପାଇଁ ପୂଜା ସଦୃଶ: ପ୍ରଧାନମନ୍ତ୍ରୀ

R.N.I. No.-42041/83 Vol-15, Issue No.91, ଭଦ୍ରକ, ସୋମବାର, ୨୫, ସେପ୍ଟେମ୍ବର ୨୦୧୭ ■ Bhadrak, Monday, 25 September 2017 Rs. 2.00 Pages-8

ଆଉ ଏକ ବ୍ରିଜ୍ ଭୁଷୁଡ଼ିଲା, ୮ ଆହତ

- ବ୍ରିଜ୍‌ର ଅଟକଳ ଥିଲା ସାଢ଼େ ୮କୋଟି
- ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ
- ୩ ଯନ୍ତ୍ରୀ ନିଲମ୍ବିତ
- ନିମ୍ନମାନର କାମ ଅଭିଯୋଗ

ବରଗଡ/ ଭୁବନେଶ୍ୱର, ୨୪।୯ (ସକାଳ ଖବର) : ବମିଖାଲ ଓଭରବ୍ରିଜ ଭୁଷୁଡିବା ଘଟଣା ଲୋକଙ୍କ ମନରୁ ଲିଭିନଥିବାବେଳେ ପୁଣି ଏକ ବରଗଡରେ ନିର୍ମାଣାଧୀନ ବ୍ରିଜ ଭୁଷୁଡିପଡିଛି । ବରଗଡ଼ ଜିଲ୍ଲାର ଭେଡେନ ବ୍ଲକ୍ ଜାମଡୋଲ ରାସ୍ତାର ଡୁବେନପାଲିଠାରେ ନିର୍ମାଣଧିନ ସେତୁର ଗୋଟିଏ ସ୍ଲାବ୍ ପଡ଼ୁଥିଲା ବେଳେ ଭୁଷୁଡ଼ି ଯାଇଛି । ଫଳରେ ୮ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ଏଥିମଧ୍ୟରୁ ୫ ଜଣଙ୍କୁ ବରଗଡ଼ ଜିଲ୍ଲା ହସ୍‌ପିଟାଲକୁ ପଠାଯାଇଛି । ଜୀରା ନଦୀ ଉପରେ ଏହି ପୋଲି ନିର୍ମାଣ କରାଯାଉଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନାରେ ଉକ୍ତ ନିର୍ମାଣ କରାଯାଉଥିଲା । ଏହି ଘଟଣାରେ ୩ଜଣ ଯନ୍ତ୍ରୀଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଭିତ୍ତିରେ ନିଲମ୍ବିତ କରାଯାଇଛି। ଉକ୍ତ ଘଟଣା ଉପରେ ବରଗଡ଼ ଜିଲ୍ଲାପାଳ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନା ଅନୁଯାୟୀ, ବିଜୁ ସେତୁ ଯୋଜନା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଜାମଡୋଲ ଡୁମେନପାଲିଠାରେ ଥିବା ଜିରା ନଦୀ ଉପରେ ବ୍ରିଜ୍ ତିଆରି କାମ ଚାଲୁଥିଲା । ବ୍ରିଜର ଅଟକଳ ଥିଲା ୮ କୋଟି ୫୦ ଲକ୍ଷ ଟଙ୍କା । ଆଜି ବ୍ରିଜର ସ୍ଲାବ ପଡୁଥୁବା ସମୟରେ ହଠାତ ବ୍ରିଜଟି ଭୁଷୁଡିପଡିଥିଲା । ଯେଉଁଥିରେ ଠିକାସଂସ୍ଥାର ୮ଜଣ କର୍ମଚାରୀ ଗୁରୁତର ଭାବେ ହୋଇଛନ୍ତି । ସେମାନଙ୍କୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବରଗଡ ଜିଲ୍ଲାପାଳ ଡାକ୍ତରଖାନାରେ ପହଞ୍ଚିଛନ୍ତି । ଦୁର୍ଘଟଣାରେ ବ୍ରିଜ ତଳେ ଥିବା ଦୁଇଟି ବାଇକ ଭାଙ୍ଗିଯାଇଛି । ତେବେ ଏହି ଦୁର୍ଘଟଣାରେ କେହି ତଳେ ଚାପି ରହିନଥିବା ସୂଚନା ମିଳିଛି । ବ୍ରିଜ ନିର୍ମାଣରେ ନିମ୍ନମାନର କାମ ଚାଲୁଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି । ଘଟଣାର ତଦନ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

୮ ଜଣଙ୍କୁ ଧରିଲା କମିଶନରେଟ ପୋଲିସ

ଭୁବନେଶ୍ୱର, ୨୪।୯ (ସକାଳ ଖବର) : ଦୁର୍ଗାପୂଜା ପୂର୍ବରୁ ଗତ କାଲି ରାଜଧାନୀରେ କମିଶନରେଟ ପୋଲିସ ପକ୍ଷରୁ ଅଭିଯାନ ଆରମ୍ଭ କରାଯାଇ ଜଣେ ନାବାଳକ ସମେତ ୮ ଜଣ ଅପରାଧୀଙ୍କୁ ଧରା ଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ଡିସିପି ସତ୍ୟବ୍ରତ ଭୋଇ କହିଛନ୍ତି ଯେ ଏମାନଙ୍କ ନାମରେ ବିଭିନ୍ନ ସ୍ଥାନରେ ୨୦ରୁ ଅଧିକ ମୋକଦ୍ଦମା ରହିଛି । ମହିଳା ମାନଙ୍କ ଠାରୁ ସୁନା ଚେନ ଲୁଟ କରିବା ଓ ଡକାୟତି ଅଭିଯୋଗ ସେମାନଙ୍କ ବିରୁଦ୍ଧରେ ରହିଛି ।

ହୀରାକୁଦର ଜଳସ୍ତର ବିପଦ ସଂକେତ ପାଖାପାଖି

ଭୁବନେଶ୍ୱର, ୨୪।୯ (ସକାଳ ଖବର) : ଉପରମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୪୧ ଫୁଟରେ ରହିଛି । ଏହାର ବିପଦ ସଂକେତ ହେଉଛି ୬୩୦ ଫୁଟ । ଆଜି ରାତି ୯ଟା ପରେ ଏହି ଜଳ ସ୍ତରକୁ ହ୍ରାସ କରିବା ପାଇଁ ୨ ରୁ ୩ଟି ଗେଟ୍ ଖୋଲା ଯାଇପାରେ । ହୀରାକୁଦର ତଳିଆ ଅଂଚଳରେ ରହୁଥିବା ଲୋକମାନେ ନଦୀ ପଠାକୁ ଯିବା ପାଇଁ ବାରଣ କରାଯାଇଛି ।

ପାଣ୍ଡ୍ୟା ମାଡ଼ରେ କଙ୍ଗାରୁ ଚିତ୍

୫ୱିକେଟରେ ଜିତି ସିରିଜ୍ କବ୍‌ଜା କଲା ଭାରତ

ଆଇସିସି ଦିନିକିଆ ର‌୍ୟାଙ୍କିଂରେ ଭାରତ ୧ନଂ

ଇନ୍ଦୋର, ୨୪।୯ : ହାର୍ଦ୍ଦିକ ପାଣ୍ଡ୍ୟା(୭୮)ଙ୍କ ବିସ୍ଫୋରକ ବ୍ୟାଟିଂ, ରୋହିତ ଶର୍ମା(୭୧) ଓ ଆଜିଙ୍କ୍ୟ ରାହାଣେଙ୍କ ଦମଦାର ଅର୍ଦ୍ଧଶତକ ବଳରେ ଭାରତ ୫ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଭାରତ ୪୭.୫ଓଭରରେ ୫ୱିକେଟ ହରାଇ ୨୯୪ରନ୍ ସଂଗ୍ରହ କରିବା ସହିତ ଚଳିତ ଶୃଙ୍ଖଳାରେ ୩-୦ରେ ଅଗ୍ରଣୀ ଲାଭ କରିଛି । ହାର୍ଦ୍ଦିକ ପାଣ୍ଡ୍ୟା କ୍ୟାରିୟରର ୨୫ତମ ମ୍ୟାଚରେ ୪ର୍ଥ ଅର୍ଦ୍ଧଶତକ ହାସଲ କରିଛନ୍ତି । ଅଷ୍ଟ୍ରେଲିଆ ପକ୍ଷରୁ କ୍ୟୁମିନି ୨ଟି, କଲଟର ନାଇଲ, କେନ ରିଚାର୍ଡସନ ଓ ଅଷ୍ଟନ ଅଗର ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି । ଆଜିର ବିଜୟ ଫଳରେ ଭାରତ ଆଇସିସି ଏକଦିବସୀୟ ର‌୍ୟାଙ୍କିଂରେ ୧ନଂ ସ୍ଥାନ ଅଧିକାର କରିଛି । ଅନ୍ୟପକ୍ଷରେ ଭାରତର ଅନ୍ୟତମ ଷ୍ଟାର ବ୍ୟାଟ୍ସମ୍ୟାନ୍ ମନୀଷ ପାଣ୍ଡେଙ୍କ ଇନିଂସ ବି ଖୁବ୍ ଚମତ୍କାର ଥିଲା ।

ଶିକ୍ଷକ ସ୍ୱାମୀଙ୍କୁ ଛେଚିଲେ ପତ୍ନୀ



ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ମାଲକାନଗିରି, ୨୪।୯ (ସକାଳ ଖବର) : ସ୍କୁଲରେ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣା ପୁଣି କଥା ବାହାରେ ପ୍ରଘଟ କଲେ ସ୍କୁଲରୁ ବାହାର କରିଦେବା ସହ ପରୀକ୍ଷାରେ ଫେଲ୍ କରିଦେବାକୁ ଧମକ । ଏହି ଭୟରେ ସ୍କୁଲ ଛାଡୁଛନ୍ତି ଛାତ୍ରୀ । ଏଭଳି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା ଏମଭି ୭୧ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ । ଅଭିଯୋଗ ଅନୁସାରେ, ସ୍କୁଲର ମନଜିତ୍ ବାଇନ ନାମକ ଜଣେ ଶିକ୍ଷକ ଦୀର୍ଘଦିନ ଧରି ଛାତ୍ରୀଙ୍କୁ ଅସଦାଚରଣ କରି ଆସୁଥିଲେ । ଏପରିକି କଥା ବାହାରେ ପ୍ରଘଟ କଲେ ସ୍କୁଲରୁ ବାହାର କରିଦେବାକୁ ଧମକ ଦେଉଥିଲେ । ନିକଟରେ କିଛି ଛାତ୍ରୀ ନିଜ ଘରେ ଏଭଳି ଅଭିଯୋଗ କରିବା ପରେ ଅଭିଭାବକମାନେ ସିଆରସିଙ୍କ ଉପସ୍ଥିତିରେ ସ୍କୁଲରେ ଏକ ବୈଠକ ଡାକିଥିଲେ । ଏହାସହ ଶିକ୍ଷକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତାଙ୍କୁ ବଦଳି କରିବାକୁ ଦାବି କରିଥିଲେ । ଏପରିକି କିଛି ଛାତ୍ରୀଙ୍କ ମାଆ ଶିକ୍ଷକଙ୍କୁ ସର୍ବ ସମ୍ମୁଖରେ ମାଡ ମଧ ମାରିଥିଲେ । ଖାଲି ଏତିକି ନୁହେଁ ଶିକ୍ଷକଙ୍କ ନିଜ ପତ୍ନୀ ତାଙ୍କୁ ଗାଲରେ ୪/୬ ଶକ୍ତ ଚାପୁଡ଼ା ଦେଇଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା । ଘଟଣା ବାବଦରେ ସେମାନେ କାଲି ମେଳା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ **(ପୃଷ୍ଠା-୭)**

ଶିକାରୀ ମୃତ ୩ ଗିରଫ

ଫୁଲବାଣୀ, ୨୪।୯ (ସକାଳ ଖବର) : ଶିକାର କାଳ ସାଜିଲା । ଶିକାର କରିବାକୁ ଯାଇ ଅସାବଧାନତାବଶତଃ ବନ୍ଧୁକରୁ ଗୁଳି ଫୁଟିବାରୁ ଶିକାରୀର ମୃତ୍ୟୁ ଘଟିଛି । ମୃତ ଶିକାରୀ ଜଣକ ହେଲେ ନେଡିପାଜୁ ଗ୍ରାମର ପ୍ରଫୁଲ୍ଲ କହଁର(୩୫) । ଟିକାବାଲି ଥାନା ଅନ୍ତର୍ଗତ ନେଡିପାଜୁ ଗ୍ରାମର ପ୍ରଫୁଲ୍ଲ ୩ଜଣ ସାଥି ଶିକାରୀଙ୍କ ସହିତ ନେଡିପାଜୁ ଜଙ୍ଗଲକୁ ଆଜି ଶିକାର କରିବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଛି । ସେମାନେ ଜଙ୍ଗଲ ମଧ୍ୟରେ ବାରହାର ପାଦଚିହ୍ନ ଦେଖି ବାରହାକୁ ଖୋଜିଥିଲେ ଏବଂ ଶବ୍ଦ ଶୁଣି ଗୁଳି ଚଳାଇଥିଲେ । ତେବେ ଅସାବଧାନତାବଶତଃ ଗୁଳିଟି ପ୍ରଫୁଲ୍ଲଙ୍କ ଦେହରେ ବାଜିଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଘଟଣାରେ ଟିକାବାଲି ଥାନା ପୋଲିସ ଅନ୍ୟ ତିନି ଶିକାରୀ ବିରଂଚି ବିଂଧାଣୀ, ଅଭିମନ୍ୟୁ ବାଘ, ଦଶରଥ ବେହେରାଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରିବା ପରେ ଗିରଫ କରିଛି । ଥାନା ଅଧିକାରୀ ଏସ. ସେଠୀ ଘଟଣାର ତଦନ୍ତ ଚଳାଇଛନ୍ତି ।

ଆକ୍ରମଣ ଯୋଜନା ପଣ୍ଡ, ୩ ଆତଙ୍କୀ ନିହତ

ଉରି ଆକ୍ରମଣ ଦୋହରାଇବା ଯୋଜନା ଥିଲା

ଗୁଳି ବିନିମୟରେ ୩ ନାଗରିକ ଆହତ

ଶ୍ରୀନଗର, ୨୪।୯ : ଜାମ୍ମୁ ଓ କାଶ୍ମୀରରେ ଆତଙ୍କୀ ଗତିବିଧିକୁ ବିଫଳ କରିବା ପାଇଁ ସର୍ବଦା ସଜାଗ ଓ ପ୍ରସ୍ତୁତ ହୋଇ ରହିଥିବା ସୁରକ୍ଷାବଳଙ୍କୁ ରବିବାର ଏକ ବଡ଼ ସଫଳତା ମିଳିଛି । ସୁରକ୍ଷାବଳ କାଶ୍ମୀରର ଉରିରେ ଏନକାଉଣ୍ଟର କରି ୩ ଜଣ ଆତଙ୍କୀଙ୍କୁ ନିହତ କରିଛନ୍ତି । ଏହି ଘଟଣାରେ ଜଣେ ଯବାନ ଆହତ ହୋଇଛନ୍ତି । ଏଥି ସହ ଗୁଳିବିନିମୟ ସମୟରେ ତିନି ଜଣ ନାଗରିକ ଆହତ ହୋଇଛନ୍ତି । ଏଥର ପୁଣି ଆତଙ୍କବାଦୀ ଗତବର୍ଷ ଉରିରେ କରିଥିବା ଆକ୍ରମଣକୁ ଦୋହରାଇବା ପାଇଁ ଉଦ୍ୟମ କରିଥିଲେ । ମାତ୍ର ସୁରକ୍ଷାବଳ ଏଥର ଆତଙ୍କବାଦୀଙ୍କ ଷଡ଼ଯନ୍ତ୍ରକୁ ବିଫଳ କରିଛନ୍ତି । ଜଣେ ସୈନ୍ୟ ଅଧିକାରୀ କହିଛନ୍ତି ଯେ ସେନା ଏବଂ ପୋଲିସରୁ ସୂଚନା ମିଳିଥିଲା ଯେ ଉରିର କଲଗଇ ଇଲାକାରେ ଆତଙ୍କବାଦୀ ଛପି ରହିଛନ୍ତି । ଏହା ପରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଏହା ମଧ୍ୟରେ ଆତଙ୍କବାଦୀ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇଥିଲେଛ ମାତ୍ର ସୁରକ୍ଷା ବଳଙ୍କ ପ୍ରତି ଜବାବରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଜାମ୍ମୁ-କାଶ୍ମୀର ଡିଜିପି ଏସପି ବୈଦ୍ୟ କହିଛନ୍ତି ଯେ ଆତଙ୍କବାଦୀ ଗତ ବର୍ଷ ଉରିର ମିଲିଟାରୀ ଶିବିର ଉପରେ ହୋଇଥିବା ଆକ୍ରମଣ ପରି ଏଥର ଆତ୍ମଘାତୀ ଆକ୍ରମଣର ପ୍ରସ୍ତୁତିରେ ଥିଲେ । ଗତ ବର୍ଷ ସେପ୍ଟେମ୍ବର ୧୮ରେ ହୋଇଥିବା ଉରି ଆକ୍ରମଣରେ ୧୯ ଯବାନ ସହିଦ ହୋଇଥିଲେ । ମାତ୍ର ଏଥର ଆତଙ୍କବାଦୀଙ୍କ ଏହି ଷଡ଼ଯନ୍ତ୍ର ବିଫଳ ହୋଇଛି । ଆଜିର ମିଳିତ ଅପରେସନରେ ସବୁ ଆତଙ୍କବାଦୀ ନିହତ ହୋଇଛନ୍ତି ।

ବିଜେଡି ଓ ବିଜେପି ଘରଭଙ୍ଗା ରାଜନୀତି କରୁଛନ୍ତି : ନିରଞ୍ଜନ

ଭୁବନେଶ୍ୱର, ୨୪।୯ (ସକାଳ ଖବର) : ଉଭୟ ବିଜେଡି ଓ ବିଜେପି ଦୁର୍ବଳ ହୋଇଥିବାରୁ ଘରଭଙ୍ଗା ରାଜନୀତି କରୁଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ନିରଂଜନ ପଟ୍ଟନାୟକ କହିଛନ୍ତି । ଦିବଙ୍ଗତ ବିଧାୟକ ସୁବଳ ସାହୁଙ୍କ ପରିବାର ବିଜେଡିରେ ଯୋଗ ଦେବା ନେଇ ପ୍ରତିକ୍ରିୟା ପ୍ରକାଶ କରି ବରିଷ୍ଠ କଂଗ୍ରେସ ନେତା ନିରଂଜନ ପଟ୍ଟନାୟକ ଏହି ପ୍ରତିକ୍ରିୟା ଦେଇଛନ୍ତି । ବିଜେଡିରେ ଯୋଗ ଦେଇଥିବାରୁ ଶ୍ରୀ ପଟ୍ଟନାୟକ ସୁବଳ ସାହୁଙ୍କ ପରିବାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେଡିରେ ମିଶିବା ସୁବଳ ସାହୁଙ୍କ ଶେଷ ଇଚ୍ଛା ଥିବା କଥା ତାଙ୍କ ପୁଅ କହୁଛନ୍ତି । ମାତ୍ର ସେ ଅନ୍ତରଙ୍ଗ ବନ୍ଧୁ ହୋଇଥିଲେ ସୁଦ୍ଧା ସୁବଳଙ୍କ ସେପରି ଇଚ୍ଛା ଥିବା ସେ ଜାଣି ନାହାନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଉଭୟ ବିଜେଡି ଓ ବିଜେପି ଲୋକ ଗୋଟାଇବାରେ ଲାଗିଛନ୍ତି । ଏଥିରୁ ପ୍ରମାଣିତ ହେଉଛି ଯେ ଉଭୟ ଦଳ ଦୁର୍ବଳ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । କଂଗ୍ରେସ ଦଳ ଦୁର୍ବଳ ହୋଇ ପଡିବା କାରଣରୁ କଂଗ୍ରେସ ନେତା ମାନେ ଭିନ୍ନ ଦଳକୁ ଯାଉଛନ୍ତି ବୋଲି ପ୍ରଶ୍ନର ଉତର ଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏହି ଦୁଇ ଦଳ କଂଗ୍ରେସ ଦଳର ନେତା ମାନଙ୍କୁ ନେଉଛନ୍ତି ବୋଲି କଂଗ୍ରେସ ନେତା ମାନେ ଯାଉଛନ୍ତି । ଜଣଙ୍କର ଯଦି ସଂଗଠନ ଦୃଢ ଥିବ ତେବେ ସେ ଅନ୍ୟ **(ପୃଷ୍ଠା-୭)**

ବାଇକ୍ ପଛରେ ପିଟିଲା ଡ଼ମ୍ପର : ପତ୍ନୀ ମୃତ, ପତି ଆହତ

ରାଇରଙ୍ଗପୁର,୨୪।୯ (ସକାଳ ଖବର) : ବିଜୟଓ୍ୱାଡା-ରାଂଚି ଜାତୀୟ ରାଜପଥର ରାଇରଙ୍ଗପୁର ସହରର କାନାଡା ବ୍ୟାଙ୍କ ସମ୍ମୁଖରେ ଏକ ବାଇକ୍ ପଛରେ ଡ଼ମ୍ପର ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ପତ୍ନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁର୍ଘଟଣାରେ ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଡ଼ମ୍ପର ନଂ ଓଡି ୧୧ଇ୭୭୧୩ ବାଇକ୍ ନଂ ଓଆର୦୧ଆର୫୧୩୮ ପଛରେ ଧକ୍କା ଦେବାସହ ରୁକ୍ମିଣି ହାଂସଦା(୩୫)ଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣାରେ ତାଙ୍କ ସ୍ୱାମୀ ଗଙ୍ଗାରାମ ହାଂସଦା(୪୦) ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ରାଇରଙ୍ଗପୁର ମେଡିକାଲ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ବାରିପଦାର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । **(ପୃଷ୍ଠା-୭)**

ରାଜଧାନୀରେ ନିର୍ମାଣ ହେବ ବହୁତଳ ପାର୍କିଂ ବ୍ୟବସ୍ଥା : ମେୟର

ଭୁବନେଶ୍ୱର, ୨୪।୯ (ସକାଳ ଖବର) : ରାଜଧାନୀରେ ଦେଖାଦେଇଥିବା ପାର୍କିଂ ସମସ୍ୟା ଦୂର ପାଇଁ ବିଏମ୍‌ସି ପକ୍ଷରୁ ଗୋଟିଏ ସ୍ଥାନରେ ବହୁତଳ ପାର୍କିଂ ବ୍ୟବସ୍ଥା କରାଯିବ । ଏହା ବ୍ୟତୀତ ମାର୍କେଟ୍ ବିଲ୍ଡ଼ିଂ ଓ ଶହୀଦ ନଗରରେ ମଧ ପାର୍କିଂ ବ୍ୟବସ୍ଥା କରାଯିବ । ଏହି ବହୁତଳ ପାର୍କିଂ ବ୍ୟବସ୍ଥାରେ ୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହା ୬ ମହଲା ବିଶିଷ୍ଟ ହେବ ବୋଲି ଭୁବନେଶ୍ୱର ମହାନଗର ନିଗମର ମେୟର ଅନନ୍ତ ନାରାୟଣ ଜେନା ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ସତ୍ୟନଗର ମଶାଣୀ ସମ୍ମୁଖସ୍ଥ ଜନପଥର ଅପରପାର୍ଶ୍ୱରେ ବିଏମସିର ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯିବ । ଏଥିରେ ୮୦ କୋଟି ଟଙ୍କା ବ୍ୟୟ କରାଯିବ । ଏହା ୧୨ ମହଲା **(ପୃଷ୍ଠା-୭)**



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୨୪.୯.୧୭)
୨,୬୯,୬୩୬

ବିଏଚ୍‌ୟୁର ଘଟଣା ନେଲା ରାଜନୀତିର ରୂପ

ରାଜ ବବ୍ବର ଅଟକ

ବନାରସରେ ଉତ୍ତେଜନା

ବାରାଣସୀ, ୨୪।୯ : ବନାରସ ହିନ୍ଦୁ ୟୁନିଭର୍ସିଟି(ବିଏଚୟୁ)ରେ ଦୁର୍ବ୍ୟବହାର ବିରୋଧରେ ସୁରକ୍ଷା ଦାବି କରୁଥିବା ଛାତ୍ର-ଛାତ୍ରୀ ଉପରେ ହୋଇଥିବା ଲାଠିଚାର୍ଜ ମାମଲା ରାଜନୈତିକ ରୂପ ନେଇଛି । ଛାତ୍ର ଆନ୍ଦୋଳନ ଏବେ ଆଗକୁ ବଢ଼ି ରାଜନୀତିର ରୂପ ନେଇଛି । ୟୁପି କଂଗ୍ରେସ ଅଧକ୍ଷ ରାଜ ବବ୍ବର ଲାଠିଚାର୍ଜ ପରେ ବିଏଚୟୁ କ୍ୟାମ୍ପସରେ ପୀଡିତ ଛାତ୍ରଙ୍କୁ ଭେଟିବାକୁ ପ୍ରସ୍ତୁତି କରୁଥିବା ବେଳେ ତାଙ୍କୁ ପୂର୍ବରୁ ହିଁ ପୋଲିସ ଅଟକ ରଖିଛି । କୁହାଯାଉଛି ଯେ ବିଏଚୟୁ ବାହାରେ ପୁଣି ଥରେ ଛାତ୍ର ଏକାଠି ହେବାରେ ଲାଗିଛନ୍ତି ଏବଂ ପ୍ରତିଷେଧମୂଳକ ଭାବେ ଆଖପାଖ ଦୋକାନକୁ ବନ୍ଦ କରିଦିଆଯାଇଛି । ଏବେ ବନାରସରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଜିଲ୍ଲା ପ୍ରଶାସନ ସମସ୍ତ ମହାବିଦ୍ୟାଳୟଙ୍କୁ ସୋମବାର ବନ୍ଦ ରଖିବାକୁ ଆଦେଶ ଦେଇଛନ୍ତି । ଖବର ମିଳିଛି ଯେ ବିଏଚୟୁରୁ ଛାତ୍ର-ଛାତ୍ରୀଙ୍କୁ ବଳ ପୂର୍ବକ ଖାଲି କରାଯାଉଛି । କିନ୍ତୁ ବିଶ୍ୱବିଦ୍ୟାଳୟର କୁଳପତି ଏହା ଏକ ଗୁଜବ ବୋଲି କହିଛନ୍ତି । ଉତ୍ତେଜନା ମାହୋଲକୁ ଦେଖି ବିଏଚୟୁ ଏବଂ କାଶୀ ବିଦ୍ୟାପୀଠକୁ ନିର୍ଦ୍ଧାରିତ ଦଶହରା ଛୁଟିର ଏକ ଦିନ ପୂର୍ବରୁ ବନ୍ଦ କରିଦିଆଯିବାର ଆଦେଶ ଦିଆଯାଇଛି । ଦୁଇ ବିଶ୍ୱବିଦ୍ୟାଳୟକୁ ଅକ୍ଟୋବର ୨ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଆଦେଶ ଦିଆଯାଇଛି । ଅନ୍ୟ ପଟେ ଛାତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ବିଏଚୟୁର ସିଂହଦ୍ୱାରରେ ଦୁଇ ଦିନରୁ ଛାତ୍ର-ଛାତ୍ରୀ ଧାରଣ ପ୍ରଦର୍ଶନ କରୁଥିବା ବେଳେ ଶନିବାର ଆନ୍ଦୋଳନ ହିଂସାର ରୂପ ନେଇଥିଲେ । ପୋଲିସର ଲାଠିଚାର୍ଜ, ଗୁଳି ଚାଳନା, ପଥରମାଡ଼ ଏବଂ ଜଳାପୋଡ଼ା ପରେ ରବିବାର ସକାଳେ ମଧ ବିଏଚୟୁ ବାହାରେ ଅଶାନ୍ତି ମାହୋଲ ଜାରି ରହିଛି । ଅଶାନ୍ତିର ମାହୋଲକୁ ଦୃଷ୍ଟିରେ ରଖି ଅତିରିକ୍ତ ପୋଲିସ ବଳ ମୁତୟନ କରାଯାଇଛି । ଅନ୍ୟ ପଟେ କଂଗ୍ରେସ ଉପାଧକ୍ଷ ରାହୁଲ ଗାନ୍ଧି ସରକାରକୁ ଟାର୍ଗେଟ କରିଛି ।

STOP VICTIM BLAMING

ଓପୋଲ୍‌ଫେଡ୍
ତାରିଖ : ୨୫. ୦୯. ୨୦୧୭
ଆଜିର ଦର
- ବ୍ରଏଲର୍ କୁକୁଡା ମାଂସ : ଟ୧୪୦/-(କେଜିପ୍ରତି)
- ବ୍ରଏଲର୍ କୁକୁଡା ମାଂସ :ଟ୧୫୦/-(କେଜିପ୍ରତି) (ବିନା କଲିଜା କରାଟ)
- ବନରାଜା କୁକୁଡା ମାଂସ:ଟ୨୭୦/-(କେଜିପ୍ରତି)
- ଜୀବନ୍ତ ଦେଶୀ କୁକୁଡା :ଟ ୩୨୦/-(କେଜିପ୍ରତି)
- ଅଣ୍ଡା ପ୍ୟାକେଟ୍ : ଟ ୬୨/-(ଏକଡଜନ)
- ଅଣ୍ଡା ପ୍ୟାକେଟ୍ : ଟ ୩୧/-(ଅଧାଡଜନ)
ଯୋଗାଯୋଗ : ୮୭୬୩୯୮୯୮୪୪/ ୯୮୬୧୩୬୦୪୮୦/ ୯୭୭୬୯୪୨୮୫୦

†ÿs¨,ÿ AàÿsæÓæDƒ Àÿ{¨æs ¨'ÿæœÿ LÿÀÿ
"{Óæ{œÿæ {LÿAæÀÿ' QæDs A'ÿæàÿ†ÿ{Àÿ 'ÿƒ†ÿ

Éê¯ÿ¿æÓ{'ÿ¨ÿ fß;jê ¨æÀÿ†ÿ

¯ÿÌ™Àÿ Óæ¨ LÿæþÝæ{Àÿ þÜÿÀÿæZÿ þ†ÿ¿

Óæºæ'ÿLÿZÿ ÓÀÿæä ¨æB AæBœÿ ¨~ßœÿ {ÜÿD : Hß{f

†ÿæÀÿ{¨ÿÀÿÀÿ ¯ÿLÿæÉ ¨æB fàÿæ Q~f ¨æ~Àÿ 200 {Lÿæs sZÿæ ¯ÿœÿ{¾æS 'ÿæ¯ÿ

A{Lÿæ ¯ÿÀÿ 6{Àÿ 4$ Óæ¤ÿ¢ê ¯ÿÜÿ{þÁÿæ, ÉæÀÿ'ÿêß ¯ÿ¤ÿþÁÿœÿ{Àÿ Ó`ÿœÿæ

Lÿæ^ÿLÿ þæÓ ¨æB `ÿxæ;ÿ œÿê¤†ÿ ¨Ö†ÿ

œÿSÀÿ¨æÁÿ ¨¯ÿ†ÿ µÿ†ÿAæZÿ D'ÿ¿þ {¾æS dæ†ÿ ÓóÓ'ÿ
œÿ¯ÿæ`ÿœÿ{Àÿ ¯ÿ{fÝ Óþ$†ÿ Óþ Ö ¨æ$ ¯ÿæ fþæ†ÿ

¨æÌÎ ÓÖ†æ D'ÿ{À Ó{'ÿ†ÿê Aÿ¿æÓ

Îæxÿßþ œÿþæ~ ¨æB xÿ¨¨ AæÀÿ ¨Ö†ÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþ†ÿ LÿþæÀÿ þàÿLÿ